# ଫାନ୍ଦ

ନା’ ନା’ ରେ ହଁ
ହଁ ମାତ୍ରକେ
ଫାନ୍ଦେ ପଡିଲା ॥୧

ଫାନ୍ଦେ ଲଟକିବାରୁ
ଉଠି ନା ବସି
ପାରିଲା,
ଗୋଟାଏ ବିନ୍ଦୁରେ
ଚକ୍କର କାଟିଲା
ମାଂସ ସବୁ
ହେଲା ଲୁହା
ରକ୍ତ ସବୁ ପାଣି ॥୨

ଡେରା ବାଂଧି
ନେଲା ଶପଥ
ଦେଲା ଜୀବନ
ତା’ ମଲା ଦେହରୁ
ଜନ୍ମିଲେ ବେକ୍‌ଟେରିଆ
ବେକ୍‌ଟେରିଆ ବୁଣିଲେ
ମାଟି, ମାଟିରୁ ଗଜା
ଗଜାରୁ ଗଛ
ଗଛ ଠୁଁ ମଞ୍ଜି
ମଞ୍ଜିଟିକୁ ସେ’
ଭେଟି ପାଇଲା ॥୩

ସେ’ ମଞ୍ଜି ଖାଇବାରୁ
ବିନ୍ଦୁମାନ ରେଖା
ରେଖା ଯୋଖି ଶବ୍ଦ
ଶବ୍ଦସବୁ ନିର୍ବାଣ ପାଇଲା

ସାର୍ଥକ ହେଲା ତା'
ଅଧୁରା ପ୍ରେମ
ଫାନ୍ଦ ଉଜୁଡ଼ି ଗଲା  ॥୪

ଦିଗମ୍ବର ପାତ୍ର